# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**6 January - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନେକଗୁଡ଼ିଏ ରେଳପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ପଞ୍ଚାୟତିରାଜ ଅନୁଷ୍ଠାନ; କହିଛନ୍ତି ବାଚସ୍ପତି ଓମ ବିର୍ଲା
- ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

– ବିଦେଶାଗତ ପକ୍ଷୀଙ୍କ ପାଇଁ ପ୍ରତିଷ୍ଠା ହେବ ପକ୍ଷୀ ସଂଗ୍ରହାଳୟ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଚତୁର୍ଥ ଦିନରେ ଆଜି ଅଭିନୀତ ହେବ ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା

***Desk***

# ପ୍ରଧାନମନ୍ତ୍ରୀ- ରେଳମଣ୍ଡଳ କୋଠା ଶିଳାନ୍ୟାସ

ବିକଶିତ ଭାରତର ସଂକଳ୍ପ ପୂରଣ କରିବା ଲାଗି ଦେଶରେ ରେଳବାଇର ବିକାଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ପୂର୍ବତଟ ରେଳବାଇର ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଜାମ୍ମୁ ରେଳ ଡିଭିଜନ ଓ ତେଲଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନ୍‌ର ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, ଏହି ସବୁ ପ୍ରକଳ୍ପଗୁଡ଼ିକ ଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ଓ ଭିତ୍ତିଭୂମି ବିକାଶ, ସାମାଜିକ ଅର୍ଥନୈତିକ ବିକାଶ ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ରାୟଗଡ଼ା ରେଳମଣ୍ଡଳ ଭବନ ନିର୍ମାଣ ଦ୍ୱାରା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିବ।

**- V/O -**

**Bytes duration (45 Second)**

*Rayagada*

## ପ୍ରଧାନମନ୍ତ୍ରୀ- ରାୟଗଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ରାୟଗଡ଼ା ରେଳ ମଣ୍ଡଳ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଅବସରରେ ରେଳବାଇ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ରାବନୀତ ସିଂ ବିଟ୍ଟୁ, ସାଂସଦ ସପ୍ତଗିରି ଉଲ୍ଲାକା, ବଳଭଦ୍ର ମାଝୀ ଓ ବିଧାୟକ ଆପଲ ସ୍ୱାମୀ କାଡ୍ରାକା ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଅନୁଯାୟୀ, ଆସନ୍ତା ୩ ବର୍ଷ ମଧ୍ୟରେ ଏହି ରେଳ ଡିଭିଜନ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି । ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବିକାଶ ହେବା ସହ ଗମନାଗମନ ଓ ବାଣିଜ୍ୟ କ୍ଷେତ୍ରରେ ବିକାଶ ହୋଇପାରିବ ।

*Desk*

## ପଞ୍ଚାୟତିରାଜ-ଓମ୍ ବିର୍ଲା

ପଞ୍ଚାୟତରୁ ସଂସଦ ଶୀର୍ଷକ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି । ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀ ବିର୍ଲା ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଦେଶର ଗ୍ରାମ ବିକାଶ ଏବଂ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ସେ କହିଛନ୍ତି, ଦେଶର ଐତିହ୍ୟ ଓ ସଂସ୍କୃତିରେ ମହିଳାଙ୍କର ପ୍ରମୁଖ ଅବଦାନ ରହିଥିବାରୁ

ସେମାନଙ୍କୁ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବାରେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

***HS***

## ରାଜ୍ୟ ସରକାର- ଆଳୁ ଚାଷ

ରାଜ୍ୟ ସରକାର ଆଳୁ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି। କୃଷି ମନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ପରେ ଚଳିତ ବର୍ଷ ୬ ଲକ୍ଷ ମେଟ୍ରିକ ଟନ୍ ଅଧିକ ଆଳୁ ଚାଷ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ପ୍ରତି ବର୍ଷ ୩ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହେଉଥିବା ବେଳେ ୧୪ ଲକ୍ଷ ମେଟ୍ରିକ ଟ୍ରନ୍ ଆଳୁ ଆବଶ୍ୟକତା ରହିଛି। ଫଳରେ ପ୍ରତ୍ୟେକ ବର୍ଷ ୧୧ ଲକ୍ଷ ମେଟ୍ରିକ ଟନ୍ ଆଳୁ ଅନ୍ୟ ରାଜ୍ୟରୁ ଆମଦାନୀ କରାଯାଉଛି। ଆଗାମୀ ଦିନରେ ଆଳୁର ଅଭାବ ହେବ ନାହିଁ ଏବଂ ରାଜ୍ୟ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ବୋଲି ସେ କହିଛନ୍ତି।

***Nayagarh***

## ରଣପୁର ମହୋତ୍ସବ

ନୟାଗଡ଼ ଜିଲ୍ଲା ରଣପୁର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ସହିଦ୍‌ମାନଙ୍କ ବୀରତ୍ୱ ସ୍ମୃତି ଉଜ୍ଜୀବିତ ରଖିବା ଲାଗି ରଣପୁର ମହୋତ୍ସବ ଅର୍ଜୁନ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବକୁ ସାଂସଦ ଡକ୍ଟର ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ,

ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ରଣପୁର ମାଟିର ସ୍ୱତନ୍ତ୍ର ପରିଚୟ ରହିଥିବା କହିଥିଲେ।

ସୂଚନାଯୋଗ୍ୟ, ୧୯୩୯ ମସିହା ଜାନୁଆରୀ ୫ ତାରିଖରେ ବେଜେଲ୍‌ଗେଟ୍‌ଙ୍କ ଗୁଳିରେ ଅର୍ଜୁନ ରାଉତ ସହିଦ୍ ହୋଇଥିଲେ ଏବଂ ନିଜକୁ ଉତ୍ସର୍ଗ କରିଥିବା ଅମର ସହିଦ ରଘୁ ଦିବାକରଙ୍କୁ ବିହାରର ଭାଗଲପୁର ଜେଲ୍‌ରେ ଫାଶୀ ଦିଆଯାଇଥିଲା। ଉଦ୍‌ଘାଟନୀ ଦିବସରେ ଓଡ଼ିଶୀ ନୃତ୍ୟ, ପୁରୁଲିଆ ଛଉ ନୃତ୍ୟ ଆଦି ପରିବେଶିତ ହୋଇଥିଲା।

***HS***

## ଚିଲିକା ବିହଙ୍ଗ ଉତ୍ସବ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲୋକସେବା ଭବନ କନଭେନସନ୍ କେନ୍ଦ୍ରରେ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଉତ୍ସବର ପ୍ରବାସୀ ଭାରତୀୟ ବ୍ରାଣ୍ଡ ଆମ୍ବାସଡର ହେବେ। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ଓଡ଼ିଶା ଆସୁଥିବା ଅତିଥିମାନଙ୍କୁ ଚିଲିକା ବୁଲାଇବାକୁ ନିଆଯିବ। ଏଥିଲାଗି ଜଙ୍ଗଲ ବିଭାଗ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶ୍ରୀମତୀ ପରିଡ଼ା କହିଛନ୍ତି, ଏହି କାର୍ଯ୍ୟକ୍ରମ ଜରିଆରେ ସାରା ବିଶ୍ୱରେ ଚିଲିକାର ବିଶେଷତ୍ୱର ପ୍ରଚାର ଓ ପ୍ରସାର ହୋଇପାରିବ। ସୂଚନା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ୧୫୦ରୁ ଅଧିକ ପ୍ରଜାତିର ପ୍ରାୟ ୧୦ ଲକ୍ଷ ପକ୍ଷୀ ରୁଷ୍, ସାଇବେରିଆ ଓ ମଙ୍ଗୋଲିଆ ଭଳି ଦେଶରୁ ଚିଲିକାକୁ ଆସିଥାନ୍ତି।

ଅନ୍ୟପକ୍ଷରେ ବିଦେଶାଗତ ପକ୍ଷୀଙ୍କ ପାଇଁ ଏକ ପକ୍ଷୀ ସଂଗ୍ରହାଳୟ ପ୍ରତିଷ୍ଠା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ଚିଲିକା ବିକାଶ କର୍ତ୍ତୃପକ୍ଷ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏଥିଲାଗି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। ମ୍ୟୁଜିୟମ ପାଇଁ ସ୍ଥାନ ନିରୂପଣ ଲାଗି ଚିଲିକା, ବରକୂଳ ଏବଂ ନଳବଣ ମଧ୍ୟରୁ ଗୋଟିଏ ସ୍ଥାନକୁ ଚୟନ କରାଯିବ ବୋଲି ସେ କହିଛନ୍ତି।

***Nayagarh***

## କୁମ୍ଭୀର ଗଣନା

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା ସାତକୋଶିଆ ଗଣ୍ଡରେ ଆଜିଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହା ତିନି ଦିନ ପର୍ଯ୍ୟନ୍ତ ଚାଲିବ। ଶୀତଋତୁରେ ଅତ୍ୟଧିକ ଥଣ୍ଡାରୁ କୁମ୍ଭୀରମାନେ ଜଳାଶୟରୁ ବାହାରି ନଦୀ ବାଲିପଠାରେ ଶୋଇ ରହିଥାନ୍ତି। କୁମ୍ଭୀରମାନଙ୍କୁ ଦେଖିବା ସହିତ ଘୋଷରା ଦାଗକୁ ଲକ୍ଷ୍ୟ କରି ଗଣନା କାର୍ଯ୍ୟ କରାଯାଏ। ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଦୂରବୀକ୍ଷଣ ଯନ୍ତ୍ର ଓ କ୍ୟାମେରା ଦ୍ୱାରା ଛୋଟ ଡଙ୍ଗା ସାହାଯ୍ୟରେ ଗଣନା କାର୍ଯ୍ୟ କରୁଛନ୍ତି। ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା କହିଛନ୍ତି, ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳଠାରୁ ମଣିଭଦ୍ରା ଓ ମାରଡ଼ା ପଦ୍ମାବତୀ ପର୍ଯ୍ୟନ୍ତ ତିନୋଟି ଦଳରେ ଦୁଇ ଜଣ ଲେଖାଏଁ

ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଗଣନା କାର୍ଯ୍ୟ କରୁଛନ୍ତି। ସେହିଭଳି ମହାନଦୀର ଆଖପାଖ ଅଞ୍ଚଳରେ ଥିବା ଜଳାଶୟଗୁଡ଼ିକରେ ମଧ୍ୟ କୁମ୍ଭୀର ଗଣନା କାର୍ଯ୍ୟ କରାଯିବ।

ଅନ୍ୟପକ୍ଷରେ ଆସନ୍ତା ୧୭ ଓ ୧୮ ତାରିଖରେ ପକ୍ଷୀଗଣନା କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

***HS***

## ଧନୁଯାତ୍ରା- ଶିକ୍ଷାନୁଷ୍ଠାନ ସମୟ ପରିବର୍ତ୍ତନ

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ମଥୁରା ନଗରୀରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନର ସମୟ ପରିବର୍ତ୍ତନ କରାଯାଇଛି। ସମ୍ଭାବ୍ୟ ଭିଡ଼ ଏବଂ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବ। ୧୩ ତାରିଖ ପରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ପୂର୍ବପରି କାର୍ଯ୍ୟ କରିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

***HS/Baragada***

## ବରଗଡ଼ ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆଜି ଚତୁର୍ଥ ଦିବସରେ ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହେବ। ଷଡ଼ମଲଙ୍କ ମୃତ୍ୟୁ ଖବର ପାଇ ମହାରାଜା କଂସ ଶୋକାଭିଭୂତ ହେବା ଏବଂ ଶ୍ରୀକୃଷ୍ଣଙ୍କୁ ବଧ

କରିବା ଲାଗି କଂସ' ପୁତନା, ବକା, ଶକଟା ଆଦି ଅସୁରଙ୍କୁ ଗୋପପୁର ପ୍ରେରଣ କରିବେ।

ଗତକାଲି ଆମ୍ବାପାଲିରେ ନନ୍ଦୋତ୍ସବ ପାଳନ ସହ ମଥୁରାରେ ମହାରାଜା କଂସ ନଗର ପରିକ୍ରମା କରିଥିଲେ।

***Ganjam***

## ଡାଏଲିସିସ୍ ସେବା ଶୁଭାରମ୍ଭ

ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଚାରି ଶଯ୍ୟା ବିଶିଷ୍ଟ ନିଃଶୁଳ୍କ ଡାଏଲିସିସ୍ ସେବାର ଶୁଭାରମ୍ଭ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ହେଉଛି ଏବଂ ଆଗାମୀ ଦିନରେ ସାରା ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ କରାଯିବ। ରାଜ୍ୟର ୩୨ଟି ସରକାରୀ ମେଡିକାଲରେ ମାଗଣା ଡାଏଲିସିସ୍ ସେବା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି। ସପ୍ତାହକୁ ରବିବାର ବ୍ୟତୀତ ଅନ୍ୟ ୬ ଦିନ ଏହି ସେବା ଯୋଗାଇ ଦିଆଯିବ। ତେଣୁ ରୋଗୀମାନଙ୍କୁ ଆଉ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

***Kendrapara***

## କେନ୍ଦ୍ରାପଡ଼ା- ଭୋଟର ତାଲିକା

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ

ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭେଟର ତାଲିକା ସଂଶୋଧନ ପରେ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ ୭ ହଜାର ୮୨୮ ଜଣ ଭୋଟର ବାଦ୍ ପଡ଼ିଥିବା ବେଳେ ୧୨ ହଜାର ୮୩୪ ଜଣ ଭୋଟର ସାମିଲ ହୋଇଛନ୍ତି । ଜିଲ୍ଲାରେ ୬ ଲକ୍ଷ ୬୫ ହଜାର ୪୬୭ ଜଣ ପୁରୁଷ, ୬ ଲକ୍ଷ ୨୧ ହଜାର ୨୮୮ ଜଣ ମହିଳା ଓ ୪୬ ଜଣ ତୃତୀୟ ଲିଙ୍ଗୀ ଭୋଟର ଥିବା ଜଣାପଡ଼ିଛି ।

***BHK***

## ଭେଟର ତାଲିକା ପ୍ରକାଶ

ଭଦ୍ରକ ଜିଲ୍ଲାପାଳଙ୍କ ସାଲନ୍ଦୀ ସଭାଗୃହରେ ଭୋଟର ତାଲିକା ଚୂଡ଼ାନ୍ତ ପ୍ରକାଶନ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଭଣ୍ଡାରୀ ପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଆଜି ସୁଦ୍ଧା ୧୩ ଲକ୍ଷ ୪ ହଜାର ଅଣାନବେ ଜଣ ମତଦାତା ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି । ଗତ ୩ ମାସ ମଧ୍ୟରେ ଏହି ସବୁ ନିର୍ବାଚନ ମଣ୍ଡଳୀରେ ୧୦ ହଜାର ୨୭ ଜଣ ମତଦାତା ନୂତନ ଭାବେ ସାମିଲ ହୋଇଥିବା ବୈଠକରୁ ସୂଚନା ମିଳିଛି ।

***Nuapada***

## ହୀରକ ଜୟନ୍ତୀ

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ସ୍ଥିତ ଗୋପବନ୍ଧୁ ବିଦ୍ୟାପୀଠର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପଦ୍ମଶ୍ରୀ କୋଶଳ ରତ୍ନ କବି ହଳଧର ନାଗ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ

ବିଦ୍ୟା ଓ ଶିକ୍ଷା ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ କହିଥିଲେ। ସେ କହିଥିଲେ, ଅଧ୍ୟୟନ ଦ୍ୱାରା ବିଦ୍ୟା ହାସଲ କରାଯାଏ, କିନ୍ତୁ ଅନୁଭୂତି ଦ୍ୱାରା ମଣିଷ ଶିକ୍ଷାପ୍ରାପ୍ତ ହୋଇଥାଏ।

***Ganjam***

## ସଡ଼କ ସୁରକ୍ଷା

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସମର ଶିକ୍ଷାର୍ଥୀ ବାହିନୀ, ଖଲ୍ଲିକୋଟ ପୁଲିସ ଓ ଜିଲ୍ଲା ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିତ ଭାବେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଛି। ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଲୋକମାନଙ୍କୁ ସଚେତନ କରିଥାନ୍ତି। ଆୟୋଜିତ ସଚେତନତା ସଭାରେ ଗଞ୍ଜାମ ପରିବହନ ଅଧିକାରୀ ଓ ଅନ୍ୟ ଅତିଥିମାନେ ସଡ଼କ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

*********************************